ଏପିସୋଡ ୪୨

# ଅଦୃଶ୍ୟ ହିମପ୍ରବାହ

ମୂଳ ଲେଖା: ଶ୍ରୀନିବାସ ଓଲି

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର ଅଶୋକ ଶିକ୍ଷକ ୫୦ ବର୍ଷ

ମୀରା ଅଶୋକଙ୍କ ପତ୍ନୀ ୪୫ ବର୍ଷ

ବିଶାଖା ଅଶୋକଙ୍କ ଝିଅ ୨୦ ବର୍ଷ

ସୌରଭ ବିଶାଖାର ଭାଇ ୧୬ ବର୍ଷ

ଶରିଫ ଅବସରପ୍ରାପ୍ତ ପ୍ରଫେସର ୬୫ ବର୍ଷ

ଦୃଶ୍ୟ ୧ ବିଶାଖା ଓ ସୌରଭ ଘରେ ବସି ଟିଭି ଦେଖୁଛନ୍ତି, ଟିଭି ଚ୍ୟାନେଲ ବଦଳୁଛି

ସୌରଭ: (ନିଜକୁ ନିଜେ) ହଁ ଏ ମୁଭି ଟିକେ ଅଲଗା ପ୍ରକାର। ଏଇଟା ଠିକ ହେବ।

ବିଶାଖା: ସୌରଭ, ତୁ ଟିଭିରେ ସବୁବେଳେ ଖାଲି ମୁଭି ଖୋଜୁଛୁ। କେବେ ବି ଟିକେ ଜ୍ଞାନବିଜ୍ଞାନ ଚ୍ୟାନେଲ ଦେଖେ। ଏବେ ବାପା ଆସିବେ, ତୁ ପୁଣି

ଚ୍ୟାନେଲ ବଦଳେଇବୁ।

ସୌରଭ:କିନ୍ତୁ ଅପା, ଏହା ସାଧାରଣ ମୁଭି ନୁହେଁ, ବହୁତ ବଢ଼ିଆ ବିଜ୍ଞାନ ମୁଭି।

ବିଶାଖା: ଆରେ ଆଜି ସୂର୍ଯ୍ୟ ପଶ୍ଚିମରେ କେମିତି ଉଦୟ ହେଲା ସୌରଭ।

ସୌରଭ:ଅପା, ତୁ ଏଇଠିକୁ ଆସି ଦେଖ। ତତେ ବି ନିଶ୍ଚୟ ଭଲ ଲାଗିବ।

ବିଶାଖା: (ଭିତରକୁ ଆସୁଛି) ଆଚ୍ଛା, ମୁଁ ବି ଦେଖେ ତ ଏମିତି କ'ଣ ଅଛି ଏ ମୁଭିରେ। ସୌରଭ ଟିଭିର ଭଲ୍ୟୁମ ଟିକେ ବଢ଼େଇଲୁ।

ସୌରଭ:ହଁ ହଁ ନିଶ୍ଚୟ। (ଟିଭିର ଶବ୍ଦ ଜୋର ହେବ।)

(voice over ସହିତ: ୨୧୧୦ ମସିହା (ସଙ୍ଗୀତ) ରହସ୍ୟମୟ ବୀଜାଣୁର ଏଇ ନୂଆ ରୂପ ଦୁନିଆସାରା ବୈଜ୍ଞାନିକଙ୍କୁ ହଇରାଣରେ ପକାଇ ସାରିଲାଣି। କୁହାଯାଉଛି ଯେ ଏ ବୀଜାଣୁ କୋଟି କୋଟି ବର୍ଷ ଧରି ଆଣ୍ଟାର୍କଟିକାର ହିମପ୍ରବାହରେ ସିଷ୍ଟ ରୂପରେ ଲୁଚି ରହିଥିଲା। (ସଙ୍ଗୀତ) ଆଉ ଏବେ ନିୟମିତ ବରଫ ତରଳିବା ଯୋଗୁ ବୀଜାଣୁ ଆକ୍ରମଣକୁ ଅଟକାଇବା ଅସମ୍ଭବ ମନେହେଉଛି। ତାହେଲେ କ'ଣ ଆମର ଏ ପୃଥିବୀ ଏଇ ବିନାଶକାରୀ..((ହଠାତ ଟିଭି ବନ୍ଦ ହୋଇଗଲା)

ସୌରଭ:ଆରେ ଲାଇଟ କୁ ଏବେ ଯିବାକୁ ଥିଲା। ଅପା, ଯଦି ବାସ୍ତବରେ ଏମିତି ହେଇଯିବ ତାହେଲେ?

ବିଶାଖା: (ହସି ହସି) ବ୍ୟସ୍ତ ହଅ ନାହିଁ ସୌରଭ! ଏ ତ କୌଣସି ଖବର ନୁହେଁ, ଗୋଟିଏ କଳ୍ପବିଜ୍ଞାନ ଗପ। ମାନେ ବିଜ୍ଞାନ ବି ଆଉ ଗପ ବି। କିଛି

ବୁଝିଲୁ କି ନାହିଁ।

(ଦୁଆର ଘଣ୍ଟି ବାଜିବାର ଶବ୍ଦ)

ବିଶାଖା: ବୋଧେ ବାପା ମା ଆସିଗଲେ। (ଦୂରକୁ ଯାଉଥିବା ଶବ୍ଦ) ଖୋଲୁଛି।

ସୌରଭ:(ନିଜକୁ ନିଜେ) ଆରେ, ମୁଁ ଏବେ ଯାଏଁ ମୋର ଜିନିଷପତ୍ର ସବୁ ରଖିନି। ନିଶ୍ଚୟ ଗାଳି ହବ। ଫଟାଫଟ ବ୍ୟାଗ ସଜେଇ ଦେଉଛି। (ବ୍ୟାଗର ଚେନ୍ ଖୋଲିବାର ଆଉ କିଛି ରଖିବାର ଶବ୍ଦ)

ମୀରା: (ଧୀରେ ଧୀରେ ପାଖକୁ ଆସୁଛନ୍ତି) ତମେମାନେ ତ ତମ ବ୍ୟାଗରେ ସବୁ ରଖିଦେଇଥିବ? କିଛି ସମୟ ଭିତରେ ଟ୍ୟାକ୍ସି ଆସିଯିବ। ପୁଣି ଥରେ ନିଜ ନିଜ ଜିନିଷପତ୍ର ଦେଖିନିଅ। ଗରମ ପୋଷାକ ରଖିଛ କି ନାହିଁ। ପାହାଡ଼ ଉପରେ ପାଣିପାଗର କିଛି ଭରସା ନାହିଁ।

ବିଶାଖା: ବାପା, ତମେ ତମର ଫଟୋ ରଖିବାକୁ ଭୁଲି ଯିବନି। ତମେ ତ ପଚିଶ ତିରିଶ ବର୍ଷ ପରେ ସେ ଅଞ୍ଚଳକୁ ଯାଉଛ। କେଜାଣି ଏବେ ସେଠି ହିମପ୍ରବାହର କିଭଳି ଦୃଶ୍ୟ ଦେଖିବାକୁ ମିଳିବ।

ଅଶୋକ:ହଁ ବିଶାଖା, ତୁ ଠିକ ମନେପକେଇ ଦେଲୁ। ମତେ ଲାଗୁଛି ସେଠିକାର ନଈ, ପାହାଡ଼, ଜଙ୍ଗଲ... ସବୁକିଛି ବଦଳି ଯାଇଥିବ।

ସୌରଭ:(ଉତ୍ସାହିତ ହୋଇ) ବାପା, ମୁଁ ତ ଏବେ ବି ବିଶ୍ୱାସ କରିପାରୁନି ଯେ ଆମେ ହିମପ୍ରବାହକୁ ଏକଦମ ପାଖରୁ ଦେଖିବା।

ବିଶାଖା: ସୌରଭ, ପ୍ରଥମେ ତୁ ତୋ ବ୍ୟାଗ ସଜାଡ଼ି ଦେ। କଥା ତ ପରେ ବି

ହୋଇପାରିବୁ।

ସୌରଭ:ସେଇଆ ହିଁ ତ କରୁଛି ଅପା। ସବୁ ଜିନିଷ ରଖିସାରିଛି। ଖାଲି ଯିବା ଯାହା ଡେରି।

ମୀରା: ତମେ ଦୁହେଁ ସେଠି ବି ଏମିତି ଝଗଡ଼ା କରିବନି। (ଧୀରେ ହସି) ଫେରିବା ପରେ ମୁଁ ପୂରା ରିପୋର୍ଟ ମାଗିବି। ହଁ, ଗଙ୍ଗୋତ୍ରୀ ପରେ ତମକୁ ଚାଲି ଚାଲି ଯିବାକୁ ହେବ। ଗୋମୁଖ ଯାଏଁ ବହୁତ ଲମ୍ବା ରାସ୍ତା। ନିଜର ଯତ୍ନ ନିଜେ ନେବ।

ସୌରଭ:ତମେ ଚିନ୍ତା କରନି ମାଆ।

ବିଶାଖା: ଆମେ ଦୁହେଁ ବାପାଙ୍କୁ ମୋଟେ ବି ହଇରାଣ କରିବୁନି। ତମେ ନିଶ୍ଚିନ୍ତ ରୁହ ମାଆ। ଆମ ଯତ୍ନ ଆମେ ନେବୁ।

(କାର୍ ହର୍ଣ୍ଣ ବାଜିବା ଶବ୍ଦ)

ମୀରା: ହେଇ ତମ ଟ୍ୟାକ୍ସି ବି ଆସିଗଲା। ଜଲ୍‌ଦି ଜଲ୍‌ଦି ଚାଲ।

(କାର୍‌ରେ ଜିନିଷ ରଖିବା ଶବ୍ଦ, ଗେଟ ବନ୍ଦ ହେବା, କାର୍ ଚାଲିବା ଶବ୍ଦ। ରାସ୍ତାରେ ଗାଡ଼ିମଟର ଶବ୍ଦ)

ଅଶୋକ:ତମେ ବ୍ୟସ୍ତ ହୁଅନାହିଁ। ସେ ପୂରା ଅଞ୍ଚଳ ତ ମୁଁ ଭଲକରି ଜାଣିଛି। ଆମର କିଛି ଅସୁବିଧା ହେବନାହିଁ।

ବିଶାଖା/ସୌରଭ: ଟା ଟା ମାଆ। ଆମେ ଆସୁଛୁ।

ଦୃଶ୍ୟ ୨

ଗଙ୍ଗୋତ୍ରୀରୁ ଗୋମୁଖ ପାଦଚଲା ରାସ୍ତା। ନଈର ଶବ୍ଦ ଆଉ ମଝିରେ ମଝିରେ ପବନ ବହିବାର ଶବ୍ଦ। ଅଶୋକ, ବିଶାଖା ଆଉ ସୌରଭ ଚାଲି ଚାଲି ଯାଉଛନ୍ତି।

ଅଶୋକ: (ଚାଲିବାରୁ ନିଶ୍ୱାସ ଜୋର ଚାଲୁଛି) ଶେଷରେ ମୁଁ ପୁଣି ଥରେ ଗୋମୁଖ ଯାଏଁ ପହଞ୍ଚିବାର ସଫଳ ହୋଇଗଲି। ବାଃ... ଭାଗୀରଥୀର ଉତ୍ପତ୍ତି ସ୍ଥଳ ଦେଖିବା ହିଁ ସବୁଠୁ ବଡ଼ ଅନୁଭୂତି। (ନଈର ଶବ୍ଦ)

ସୌରଭ: (ପ୍ରଥମେ ହାଲିଆ ସ୍ୱରରେ/ ପରେ ଠିକ ହେବ) ଠିକ କହିଛ ବାପା। ରାସ୍ତାରେ ତ ମତେ କିଛି ଟା ପଶ୍ଚାତାପ ହେଉଥିଲା ଯେ କାହିଁକି ଏମିତି କାର୍ଯ୍ୟକ୍ରମ ସ୍ଥିର ହେଲା। କିନ୍ତୁ ଏଠିକି ଆସିବା ପରେ ଲାଗୁଛି ଆମର ବୁଲିବା ଯୋଜନା ଭଲ ନୁହେଁ, ବହୁତ ଭଲ ହୋଇଛି।

ବିଶାଖା: (ପ୍ରଥମେ ହାଲିଆ ସ୍ୱରରେ/ ପରେ ଠିକ ହେବ) କିନ୍ତୁ ବାପା, କିଛି ସମୟ ଆଗରୁ ତମେ କହୁଥିଲ ଯେ ଗତ ଥର ଆସିଲା ବେଳେ ଗୋମୁଖ ଏତେ ବାଟ ନ ଥିଲା। ତାହେଲେ କ'ଣ ଗୋମୁଖ ତରଳିଯାଇ ପଛକୁ ହଟିଯାଇଛି?

ଅଶୋକ: ହଁ ବିଶାଖା, ମୁଁ ଯେତେବେଳେ ଗତଥର ଏଠିକି ଆସିଥିଲି ହିମପ୍ରବାହ ଗଙ୍ଗୋତ୍ରୀଠାରୁ ମାତ୍ର ୧୪ କିଲୋମିଟର ଥିଲା। ଏବେ ଏଇ ଦୂରତା ବଢ଼ିଯାଇ ୧୮ କିଲୋମିଟର ହୋଇଗଲାଣି।

ସୌରଭ: (ଆଶ୍ଚର୍ଯ୍ୟ ହୋଇ) ମାନେ କିଛି ବର୍ଷ ଭିତରେ ହିମପ୍ରବାହ ପଛକୁ ହଟିଗଲାଣି।

ଅଶୋକ: ହଁ ସୌରଭ। ଏଇ ସାମନାରେ ଯେଉଁ ଭାଗୀରଥୀର ଉତ୍ପତ୍ତି ଦେଖାଯାଉଛି ଏହାକୁ ହିଁ ଗୋମୁଖ କୁହାଯାଏ। ବାସ୍ତବରେ ଏହା ଗଙ୍ଗୋତ୍ରୀ ହିମପ୍ରବାହର ତଳ ମୁହଁ ଆଉ ଏଇଥିରୁ ଭାଗୀରଥୀ ନଈ ବାହାରିଛି। ଦୁନିଆର ଅନ୍ୟ ସବୁ ହିମପ୍ରବାହ ଭଳି ଗଙ୍ଗୋତ୍ରୀ ହିମପ୍ରବାହ ବି ଦ୍ରୁତ ଗତିରେ ତରଳୁଛି। ଦେଖ, (କାଗଜ ଲଫାପା ଖୋଲିବାର ଶବ୍ଦ) ଏ ମୋର ପୁରୁଣା ଫଟୋ ସବୁ। ସେତେବେଳ ଆଉ ଏବେକା ଭିତରେ କେତେ ତଫାତ। ଦେଖ।

ବିଶାଖା: (ଚମକି ପଡ଼ି) ବାପା! ଏ ଫଟୋରେ ତ ବହୁତ ବରଫ ଦେଖାଯାଉଛି। (ଦୁଃଖରେ) ଆଉ ଆଜି ତ ଅବସ୍ଥା ବହୁତ ବଦଳି ଯାଇଛି। ପୁରୁଣା ଫଟୋରେ ଏ ପାହାଡ଼ ପୂରା ରୂପା ଭଳି ଚମକୁଛି। ଆଉ ଏବେ ତ କେତେ ଜାଗାରେ ଖାଲି କଳା ଚଟାଣ ଦେଖାଯାଉଛି। ମାତ୍ର କେତେ ବର୍ଷରେ କେତେ କ'ଣ ବଦଳି ଗଲାଣି।

ଅଶୋକ: ହଁ ବିଶାଖା, ଗତ କୋଡ଼ିଏ ପଚିଶ ବର୍ଷ ଭିତରେ ଏତେ ବେଶୀ ପରିବର୍ତ୍ତନ ଆସିଯାଇଛି। ଗତଥର ଆମେ ଯେତେବେଳେ ଗୋମୁଖ ଆସିଥିଲେ ରାସ୍ତାରେ କେତେ ଛୋଟ ଛୋଟ ହିମପ୍ରବାହ ଟପିବାକୁ ପଡ଼ିଥିଲା। ସାମନାରେ ଦେଖାଯାଉଥିବା ଗଙ୍ଗୋତ୍ରୀ ହିମପ୍ରବାହ ଛୋଟ ଛୋଟ ୧୮ଟି ହିମପ୍ରବାହର ସମାହାର। ଆଜିର ଅବସ୍ଥା ତମେ ଦେଖୁଛ। ହିମପ୍ରବାହ ତରଳି ଛୋଟ ହୋଇ ଚାଲିଛି ଆଉ କେତେକର ତ ଚିହ୍ନବର୍ଣ୍ଣ ବି ନାହିଁ।

ସୌରଭ: କିନ୍ତୁ ବାପା, ଯଦି ହିମପ୍ରବାର ତରଳିକି ଉଭେଇ ଯିବ ତାହାଲେ

କ'ଣ ବିପଦ ଆସିଯିବ।

ବିଶାଖା: (ବିରକ୍ତ ହୋଇ) ଏମିତି କ'ଣ କହୁଛୁ ସୌରଭ? ତୁ କ'ଣ ସାମନାରେ ଭାଗୀରଥୀର ଏତେ ବଡ଼ ନଈ ଦେଖାଯାଉନି? ହିମପ୍ରବାହ ନ ରହିଲେ ଏ ନଈସବୁ କୁଆଡୁ ରହିବେ। ତାହେଲେ ହିମାଳୟର ନଈ ଉପରେ ଥିବା ବନ୍ଧ ଆଉ ଜଳସେଚନର କେନାଲ ସବୁର କ'ଣ ହେବ? ବିଜୁଳି ଶକ୍ତି ଆଉ ଚାଷବାସ... ଦିଇଟା ବିଷୟରେ ଟିକେ ଚିନ୍ତା କର। ଗଙ୍ଗା, ଯମୁନା, ସତଲେଜ, ସିନ୍ଧୁ... ଏସବୁ ନଈତ ହିମପ୍ରବାହରୁ ବାହାରିଛି।

ସୌରଭ: ଠିକ ଅଛି ଅପା। କିନ୍ତୁ ମୋ କହିବାର କଥା ହେଉଛି...

ଅଶୋକ: ମୁଁ କହୁଛି। ତମେମାନେ ତ ଜାଣିଛ ଯେ ପୃଥିବୀର ତାପମାତ୍ରା ବଢ଼ିବା ଆଜି ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ତାପମାତ୍ରା ବଢୁଛି, ତା ମାନେ ପୃଥିବୀର ପୂରା ଜଳବାୟୁ ଉପରେ ଏହାର ପ୍ରଭାବ ପଡ଼ିବା ନିଶ୍ଚିତ। ହିମପ୍ରବାହ ବି ଏଥିରୁ ରକ୍ଷା ପାଇନାହିଁ। ଭାରତ, ପାକିସ୍ଥାନ, ଚୀନ ଏବଂ ବାଂଲାଦେଶର ଅନେକ ଲୋକ ପାଣି ପାଇଁ ହିମାଳୟର ହିମପ୍ରବାହରୁ ବାହାରୁଥିବା ନଈ ଉପରେ ନିର୍ଭର କରନ୍ତି।

ସୌରଭ: ହଁ ଏ ତ କହିବା କଥା।

ଅଶୋକ: ଏତିକି ନୁହେଁ, କେବଳ ହିମାଳୟ ଅଞ୍ଚଳର ହିମପ୍ରବାହ ତରଳୁନାହିଁ, ମେରୁଅଞ୍ଚଳର ହିମପ୍ରବାହ ବି ଦ୍ରୁତ ଗତିରେ ତରଳୁଛି। ନାସାର ଗୋଟିଏ ରିପୋର୍ଟରେ କୁହାଯାଇଛି ଯେ ୨୦୦୨ରୁ ୨୦୧୬ ମସିହା ଭିତରେ

ଆଣ୍ଟାର୍କଟିକାରେ ପ୍ରତିବର୍ଷ ଶହେ ପଚିଶ ଗିଗାଟନ୍ ବରଫ ତରଳୁଛି। ଏହାର ଫଳ ହେଲା ସାରା ଦୁନିଆରେ ସମୁଦ୍ରର ଜଳପତନ ପ୍ରତି ବର୍ଷ ୦.୩୫ ମିଲିମିଟର ଉପରକୁ ଉଠୁଛି।

ବିଶାଖା: ହଁ ବାପା, ମୁଁ ବି ଗୋଟିଏ ଜାଗାରେ ପଢ଼ିଥିଲି ଯେ ଯଦି ଦୁନିଆର ସବୁ ହିମପ୍ରବାହ ଏଇ ଗତିରେ ତରଳିବେ ତାହେଲେ ଶହେ ବର୍ଷ ପୂରିବା ବେଳକୁ ସମୁଦ୍ର ପାଣିସ୍ତର ତିନିଚାରି ଫୁଟ ଉପରକୁ ଉଠିଯିବ। ସମୁଦ୍ର କୂଳିଆ ଅନେକ ସହର ଏବଂ ଦ୍ୱୀପ ପାଣିରେ ବୁଡ଼ିଯିବ।

ଅଶୋକ: ଠିକ କହିଛୁ ବିଶାଖା। ବୈଜ୍ଞାନିକଙ୍କ ଅନୁମାନ ଯେ ଯଦି ଆର୍ଣ୍ଟର୍କଟିକାର ସବୁ ବରଫ ତରଳିଯିବ ତେବେ ସମୁଦ୍ର ପତନ ୨୩୦ ଫୁଟ ଉଚ୍ଚ ହୋଇଯିବ। ଆଉ ଏମିତି ହେଲେ ପ୍ରଳୟ ଆସିବ।

ବିଶାଖା: ଏ ତ ବହୁତ ଭୟଙ୍କର ସ୍ଥିତି ଆସୁଛି।

ଅଶୋକ: ବୈଜ୍ଞାନିକଙ୍କ ଅନୁମାନ ଯେ ଆସନ୍ତା ଶହେ ବର୍ଷ ଭିତରେ ଦୁନିଆର ତିରିଶ ଭାଗ ହିମପ୍ରବାହ ତରଳି ଉଭେଇ ଯିବ। ଆଉ ଏହାର ସବୁଠାରୁ ବଡ଼ କାରଣ ହେଉଛି ପୃଥିବୀରେ ଅଙ୍ଗାରକାମ୍ଳ ଉତ୍ସର୍ଜନ ବଢ଼ିବା। ହିମପ୍ରବାହ ତରଳିବାର କୁପ୍ରଭାବ ତ ଲୋକମାନଙ୍କୁ ଏବେଠାରୁ ଭୋଗିବାକୁ ପଡୁଛି। ତମେ ଦୁହେଁ ୨୦୧୩ ମସିହାରେ କେଦାରନାଥରେ ଆସିଥିବା ପ୍ରଳୟ ବିଷୟରେ ତ ଶୁଣିଥିବ?

ସୌରଭ: ହଁ ହଁ... ଏଥିରେ ତ ଧନଜୀବନ ବହୁତ ନଷ୍ଟ ହୋଇଥିଲା।

ବିଶାଖା: (କିଛି ଡରିଯାଇ) ଏଇ ଦେଖ ବାପା। ଏଇ ସାମନାରେ ବରଫଢଙ୍କା

ପାହାଡ଼ ପଛପଟୁ ଘନ ବାଦଲ ଦ୍ରୁତ ଗତିରେ ଉପରକୁ ଉଠୁଛି। ଠିକ ସମୟରେ ଆମକୁ ଫେରିବାକୁ ବି ହେବ।

ଅଶୋକ: ଠିକ କହିଛୁ ବିଶାଖା, ହିମାଳୟ ଅଞ୍ଚଳରେ ପାଣିପାଗ ହଠାତ ବଦଳିଯାଏ। ବିଶେଷ କରି ଦିପହର ପରେ। ଫେରିଯିବା ଚାଲ। ଆଜି ସନ୍ଧ୍ୟାରେ ଭୋଜବାସାରେ ରହିବା ଆଉ କାଲି ଉତ୍ତରକାକଶୀ ଯିବା। ସେଠି ପ୍ରଫେସର ଶରିଫ ଆମକୁ ଅପେକ୍ଷା କରିଥିବେ।

ସୌରଭ: ହଁ ବାପା, ଚାଲ ଫେରିବା। କିନ୍ତୁ ତମେମାନେ ଅତି ଜୋରରେ ଚାଲିବନାହିଁ। ମତେ ତ ହାଲିଆ ଲାଗିଲାଣି।

(ତିନିଜଣଙ୍କ ପାଦଶବ୍ଦ, ପାଖରେ ନଈର ଶବ୍ଦ)

ବିଶାଖା: ବାପା, ତମେ କେଦରନାଥ ପ୍ରଳୟ କଥା କହୁଥିଲ... କିନ୍ତୁ ତା'ର ହିମପ୍ରବାହ ସହିତ କ'ଣ ସମ୍ପର୍କ? ସେଠି ତ ବାଦଲଫଟା ବର୍ଷା ଯୋଗୁ କ୍ଷତି ହୋଇଥିଲା।

ଅଶୋକ: ତା ସମ୍ପର୍କ ହିମପ୍ରବାହ ତରଳିବା ସହିତ ରହିଛି। ବାସ୍ତବରେ କେଦାରନାଥ ଅଞ୍ଚଳ ଚୌରାବାଡ଼ି ନାମକ ଗୋଟିଏ ହିମପ୍ରବାହର ତଳ ଅଂଶରେ ରହିଛି। ଏହି ହିମପ୍ରବାହରୁ ମନ୍ଦାକିନୀ ନଈ ବାହାରିଛି।

ବିଶାଖା: ମୁଁ କିଛି ବୁଝିପାରିଲି ନାହିଁ।

ଅଶୋକ: କହୁଛି ଶୁଣ। ବାସ୍ତବରେ ହିମପ୍ରବାହ ଦ୍ରୁତଗତିରେ ତରଳି ପଛକୁ ହଟିଯାଉଛି। ସେ ଜାଗାରେ ସେମାନେ ହ୍ରଦ ଭଳି ଜାଗା ଛାଡ଼ିଯାଆନ୍ତି। ହିମପ୍ରବାହର ପାଣି ସେଠି ଜମି ହ୍ରଦ ସୃଷ୍ଟି ହୁଏ।

ବିଶାଖା: ଆଚ୍ଛା!!

ଅଶୋକ: ୨୦୧୩ ମସିହାରେ ବି ଏହିଭଳି ହୋଇଥିଲା। ଚୌରାବାଡି ହିମପ୍ରବାହ ତଳ ଅଂଶରେ ବିରାଟ ବଡ଼ ହ୍ରଦ ସୃଷ୍ଟି ହୋଇଥିଲା। ଏମିତି ତ ହ୍ରଦରୁ ଧୀରେ ଧୀରେ ପାଣି ଝରଉଥିଲା। କିନ୍ତୁ ବିପର୍ଯ୍ୟୟ ଦିନ ଜୋର ବର୍ଷା ହେବା ଯୋଗୁ ହ୍ରଦର ବନ୍ଧ ଭାଙ୍ଗିଯାଇ ପାଣି ମାଡ଼ି ଆସିଲା ଓ ପ୍ରଳୟ ହୋଇଗଲା।  ହିମପ୍ରବାହ ତରଳିଯାଇ ହ୍ରଦ ସୃଷ୍ଟି ହେବା କିଛି ନୂଆ କଥା ନୁହେଁ।

ସୌରଭ: ହିମପ୍ରବାହ ତରଳିବା ଯୋଗୁ ଏଭଳି ଘଟଣା ତ ସବୁବେଳେ ହେଉଥିବ?

ଅଶୋକ: ହଁ ଏଇ କିଛି ବର୍ଷ ଭିତରେ ହିମାଚଳ, ଜମ୍ମୁ କାଶ୍ମୀର ଏବଂ ଉତ୍ତରାଖଣ୍ଡରେ ଏଭଳି ଘଟଣା ଅଧିକ ବଢୁଛି। ଚେନାବ ନଦୀ ଅବବାହିକାକୁ ଉଦାହରଣ ଭାବରେ ନିଅ। ସେଠି ୨୦୧୩ ମସିହାରେ ୧୧୬ଟି ହ୍ରଦ ଥିଲା ଯାହାକି ୨୦୧୫ ମସିହାରେ ବଢ଼ି ୧୯୨ ହୋଇଗଲାଣି। ଏସବୁ ହିମପ୍ରବାହ ତରଳିବା ଯୋଗୁ ହେଉଛି।

ବିଶାଖା: ଏସବୁର କାରଣ ତ ବିଶ୍ୱ ଉଷ୍ମାୟନ ନା ବାପା?

ଅଶୋକ: ଠିକ କହିଛୁ। ହିମପ୍ରବାହ ତରଳିବା ମୁଖ୍ୟ କାରଣ ହେଉଛି ବିଶ୍ୱ ଉଷ୍ମାୟନ ଆଉ ଜଳବାୟୁ ପରିବର୍ତ୍ତନ। ସବୁ ହିମପ୍ରବାହ ଗୋଟିଏ ଗତିରେ ତରଳୁନାହାନ୍ତି, ଅଲଗା ଅଲଗା ଅଞ୍ଚଳରେ ଏମାନଙ୍କର ତରଳିବାର ଗତି ବି ଅଲଗା।

ସୌରଭ: କିନ୍ତୁ ଶୀତଦିନେ ତ ଏଠି ଭଲଭାବରେ ବରଫ ପଡ଼େ। ତାହେଲେ ହିମପ୍ରବାହର ଆକାର ତ ବଢୁଥିବ।

ଅଶୋକ: ପୂରା ଠିକ କଥା କହିଛୁ ସୌରଭ। ବାସ୍ତବରେ ହିମପ୍ରବାହ ଗୋଟିଏ ନିର୍ଦ୍ଦିଷ୍ଟ ଗତିରେ ତରଳୁଛି। ବରଫ ପଡ଼ିବା ପରେ ତା'ର ଆକାର ବଢ଼ିଥାଏ। କିନ୍ତୁ ତରଳିବା ଆଉ ବରଫପାତ ଭିତରେ ଥିବା ତଫାତ ହିଁ ଆମକୁ ଜଣଉଛି ଯେ ବାସ୍ତବରେ ହିମପ୍ରବାହ କେତେ ଛୋଟ ହୋଇଛି, ଅର୍ଥାତ ହିମପ୍ରବାହର ମୋଟ ବସ୍ତୁତ୍ୱ କେତେ କମିଛି। ଏହାକୁ ହିମପ୍ରବାହର ବସ୍ତୁତ୍ୱ ସନ୍ତୁଳନ ବି କୁହାଯାଏ।

ବିଶାଖା: ଥରେ ଆମକୁ ଶ୍ରେଣୀରେ ଶିକ୍ଷକ କହୁଥିଲେ ଯେ ହିମପ୍ରବାହ ଯୋଗୁ ପୃଥିବୀର ତାପମାତ୍ରା ବି ସନ୍ତୁଳିତ ରହେ।

ସୌରଭ: କେମିତି?

ଅଶୋକ: ମୁଁ ବୁଝଉଛି। ଏହି ଧଳା ହିମପ୍ରବାହ ଉପରେ ଯେତେବେଳେ ସୂର୍ଯ୍ୟ କିରଣ ପଡ଼େ ସେ ଏହାର ପ୍ରାୟ ଶତକଡ଼ା ୮୦ ଭାଗ ପ୍ରତିଫଳିତ କରିଦିଏ। କିନ୍ତୁ ହିମପ୍ରବାହ ତରଳି ଯିବାରୁ ସୂର୍ଯ୍ୟଙ୍କର ସେହି କିରଣ ସିଧା ପୃଥିବୀରେ ପଡୁଛି ଏବଂ ତାପମାତ୍ରା ବଢ଼ିବାର କାରଣ ହେଉଛି। କାରଣ ଶୁଖିଲା ମାଟି ଶତକଡ଼ା ମାତ୍ର କୋଡ଼ିଏ ଭାଗ କିରଣ ପ୍ରତିଫଳିତ କରେ।

ସୌରଭ: ତା ମାନେ ହିମପ୍ରବାହ ତରଳିବାରେ ଅନେକ ବିପଦ ରହିଛି। ପ୍ରଥମ ହେଉଛି ଦ୍ରୁତ ଗତିରେ ତରଳିବା ଯୋଗୁ ବନ୍ୟାର ଆଶଙ୍କା, ଆଉ

ତା ପରେ ପୂରା ତରଳିଗଲେ ନଈ ସବୁ ଶୁଖିଯିବା ବିପଦ।

ବିଶାଖା: ସୌରଭ ବିପଦ ତ ବହୁତ ବେଶୀ। ଅନୁମାନ କର ଯେ ଗଙ୍ଗୋତ୍ରୀ ହିମପ୍ରବାହ ତରଳିବାର ପ୍ରଭାବ ଗଙ୍ଗା ନଦୀର ଆର ମୁଣ୍ଡରେ ଏଠୁ ହଜାର ହଜାର କିଲୋମିଟର ଦୂର ସୁନ୍ଦରବନରେ ପଡୁଛି। ସମୁଦ୍ର ପତନ ଉପରକୁ ଉଠିବା ଫଳେ ଦୁନିଆର ସବୁଠାରୁ ବଡ଼ ତ୍ରିକୋଣଭୂମି ସୁନ୍ଦରବନ ବିପଦରେ।

ଅଶୋକ: ବିଶାଖା, ତୁ କିଛି ସମୟ ଆଗରୁ ସିନ୍ଧୁ ନଦୀ ବିଷୟରେ କହୁଥିଲୁ। ସିନ୍ଧୁ ନଦୀର ପାଣିର ସବୁଠାରୁ ବଡ଼ ସ୍ରୋତ ହେଉଛି ଜମ୍ମୁ କାଶ୍ମୀରର ନୁନକୁନ ହିମପ୍ରବାହ। କିନ୍ତୁ ଗୋଟିଏ ଭୟାନକ ସତ୍ୟତା ହେଉି ଯେ ଗତ ପଚାଶ ବର୍ଷ ଭିତରେ ହିମପ୍ରବାହର ଆକାର ଶତକଡ଼ା ୧୫ ଭାଗ କମିଯାଇଛି। ଭାବିଲ, ଯଦି ଏହି ଗତି ଚାଲୁରହେ ତାହେଲେ କ'ଣ ହେବ? ବୈଜ୍ଞାନିକଙ୍କ ଅଧ୍ୟୟନରୁ ଜଣାଯାଏ ଯେ ହିମାଳୟ କ୍ଷେତ୍ରରେ ଗତ ପଚାଶ ବର୍ଷ ଭିତରେ ଦୁଇଶହରୁ ଅଧିକ ହିମପ୍ରବାହ ତରଳି ଲୋପ ପାଇଗଲାଣି।

ସୌରଭ: ଏ ତ ବହୁତ ବିପଦଜନକ କଥା। କିନ୍ତୁ ଏସବୁ ହିମପ୍ରବାହ ତରଳିବା ଅଟକାଇବା ପାଇଁ କାହିଁକି କିଛି କରାଯାଉନାହିଁ?

ଅଶୋକ: ଏମିତି ନୁହେଁ ଯେ କିଛି କରାଯାଉନାହିଁ। ସାରା ଦୁନିଆର ଅନେକ ସଂସ୍ଥା ହିମପ୍ରବାହର ତରଳିବା ଉପରେ ନଜର ରଖିଛନ୍ତି। ହିମପ୍ରବାହର ତରଳିବା ଗତିକୁ କମ୍ କରିବା ଦିଗରେ ବି ନିରନ୍ତର କାମ ଚାଲିଛି।

ସୌରଭ: (ସାମାନ୍ୟ ଥଟ୍ଟା ସ୍ୱରରେ) ଏମିତି କିଛି କାମ ଚାଲିଛି କିନ୍ତୁ ମତେ ତ କିଛି ଦେଖାଯାଉନାହିଁ।

ଅଶୋକ: କାଲି ତୁ ପ୍ରଫେସର ଶରିଫଙ୍କୁ ଭେଟିବୁ। ତୋର ସବୁ ପ୍ରଶ୍ନର ଉତ୍ତର ବୋଧହୁଏ ସେ ଦେଇପାରିବେ।

ସୌରଭ: ମୁଁ ତ ପଚାରିବି, କିନ୍ତୁ ଅପା ମତେ ସେ ସୁଯୋଗ ଦେଲେ ତ!

ବିଶାଖା: (ହସି ହସି) ଚିନ୍ତା କରନି ସୌରଭ। ତୋ ପ୍ରଶ୍ନ ସରିଗଲେ ମୁଁ ପଚାରିବି। ଏବେ ଖୁସି ତ?

ସୌରଭ: ଠିକ ଅଛି। ଏବେ ତ ଆଜି ରାତି ଅଛି। କାଲି ଦିପହର ବେଳକୁ ଆମେ ପ୍ରଫେସର ଶରିଫଙ୍କ ଘରେ ପହଞ୍ଚିବା। ବାପା, ଭୋଜବାସା ଏଠୁ ଆଉ କେତେ ବାଟ?

ଅଶୋକ: ଆଉ ବେଶୀ ବାଟ ନ ଥିବ। ସେ ସାମନା ଘାଟି ପାଖରେ।

ସୌରଭ: (ନିଜକୁ ନିଜେ) ଓହୋ... ଏଠି ତ ଖାଲି ଚାଲିବା ଛଡ଼ା ଆଉ କିଛି ଚାରା ନାହିଁ। ଚାଲ... ଚାଲ... ଚାଲ...

(ନଈର ସ୍ୱର, ପାଦଶବ୍ଦ)

ଦୃଶ୍ୟ ୩

(ରାସ୍ତାରେ ବେଶୀ ଭିଡ଼ ନାହିଁ, ଧୀର ସ୍ୱରରେ କଥାବାର୍ତ୍ତା)

ଅଶୋକ: ମୁଁ ଭାବୁଛି ଏଇ ଗଳିର ଆଖପାଖରେ କୋଉଠି ପ୍ରଫେସର ଶରିଫଙ୍କ ଘର।

ବିଶାଖା: ତମେ ତ ଆଗରୁ ଏଠିକି ଆସିଛ ନା ବାପା?

ଅଶୋକ: ହଁ ଆସି ତ ଥିଲି। ଏବେ ଏତେ ବର୍ଷ ଗଲାଣି। ଛୋଟିଆ ବସ୍ତି ଏବେ ବିରାଟ ସହର ହୋଇଗଲାଣି।

(ମୋବାଇଲ ବାଜୁଛି)

ସୌରଭ: ଘରୁ ମା ଫୋନ କରିଛନ୍ତି। (ଘଣ୍ଟି ନିରନ୍ତର ବାଜୁଛି) ବାପା, ନିଅ କଥା ହୁଅ।

ଅଶୋକ: ହ୍ୟାଲୋ...

ମୀରା: (ଫୋନରେ) କେମିତି ଅଛି ତମେମାନେ? କୋଉଠି ପହଞ୍ଚିଲଣି? ତମମାନଙ୍କର ଫୋନ ବି ତ ଲାଗୁ ନ ଥିଲା। ବଡ଼ ବ୍ୟସ୍ତ ଲାଗୁଥିଲା।

ଅଶୋକ: ଆରେ ବ୍ୟସ୍ତ କାହିଁକି ହଉଛ? ଆଜି ଦିପହରେ ଆମେ ଉତ୍ତରକାଶୀ ପହଞ୍ଚି ଯାଇଥିଲୁ। ଏବେ ପ୍ରଫେସର ଶରିଫଙ୍କ ଘରକୁ ଯାଉଛୁ।

ମୀରା: (ଫୋନରେ) କୋଉ ପ୍ରଫେସର ଶରିଫ? ଆଚ୍ଛା... ଓହୋ ଯିଏ ପ୍ରଥମେ ତମ କଲେଜରେ ଭୂବିଜ୍ଞାନର ମୁଖ୍ୟ ଥିଲେ। ଏବେ ଅବସର ନେଇଯିବେଣି।

ଅଶୋକ: ହଁ.. ହଁ.. ତମେ ଠିକ ଚିହ୍ନିଲ। ମୁଁ ଭାବିଲି ତାଙ୍କ ସହ ଦେଖା ହୋଇଯିବ ଆଉ ପିଲାମାନେ ବି କିଛି ଶିଖିବେ।

ମୀରା: (ଫୋନରେ) ଠିକ ଅଛି। ପିଲାମାନଙ୍କ କଥା ବୁଝିବ। ବାସ୍ତବରେ କାଲି ଖବର କହୁଥିଲା ଯେ ପାହାଡ଼ ଉପରେ ଜୋର ବର୍ଷା ହେବାର ସମ୍ଭାବନା

ଅଛି। ସେବେଠୁ ଫୋନ ଚେଷ୍ଟା କରୁଥିଲି।

ଅଶୋକ: ଆରେ ଚିନ୍ତା କରିବାର କିଛି ନାହିଁ। ଆମେ... (ହଠାତ ଫୋନ କଟିଯିବ) ଏଇ ଦେଖ। ପୁଣି ଥରେ ସିଗନାଲ ଚାଲିଗଲା। ତମ ମା ଖାଲି ବ୍ୟସ୍ତ ହେଉଛନ୍ତି।

ବିଶାଖା: ବାପା, ତମେ ଏବେ ଶରିଫ ସାର୍‌ଙ୍କ ଘର ଖୋଜ।

ଅଶୋକ: ହଁ ମୋର ମନେପଡିଲା। ଏଇ ପାଖରେ କୋଉଠି ଥିଲା। ମୁଁ ଭାବୁଛି ସେଇ ସାମନା ଘରଟା ପ୍ରଫେସରଙ୍କ ଘର ବୋଧେ।

(ଧୀରେ ଧୀରେ ଟ୍ରାଫିକ ସ୍ୱର କମିଯାଉଛି)

ବିଶାଖା: କାହାକୁ ଟିକେ ପଚାରିଦେବା।

ଅଶୋକ: ଆରେ ନା ନା। ମୋର ଏବେ ଭଲଭାବରେ ମନେ ପଡ଼ିଗଲା। ଏଇଟା ହିଁ ତାଙ୍କ ଘର। ଏବେ ତ ଏଠି ବହୁତ କିଛି ବଦଳିଗଲାଣି। ବହୁତ ଦିନ ପରେ ପୁଣି ଥରେ ଆସିଛି। (ଦୁଆର ଘଣ୍ଟି ବାଜୁଛି)

ଶରିଫ: ଆସନ୍ତୁ ... ଆସନ୍ତୁ...। ମୁଁ ଭିତରେ ହିଁ ଅଛି।

(ଦୁଆର ଖୋଲିବା ଶବ୍ଦ, ପାଦଶବ୍ଦ)

ଶରିଫ: ଆରେ ବାଃ। ଆସନ୍ତୁ ଅଶୋକ ବାବୁ ଆସନ୍ତୁ। ଆପଣଙ୍କର ତ କିଛି ଫୋନ ବି ଆସିଲାନି।

ଅଶୋକ: ନମସ୍କାର ସାର୍। ଆମେ ଆଜି ହିଁ ପହଞ୍ଚିଲୁ। ଫୋନରେ ବି ଅସୁବିଧା ହେଉଥିଲା। ସେଥିପାଇଁ ଆଜି କଥା ହୋଇପାରି ନ ଥିଲି।

ସିଧା ଆସି ଘରେ ପହଞ୍ଚିଗଲି। ସାଙ୍ଗରେ ଦୁଇ ପିଲା ବି ଅଛିନ୍ତି ସୌରଭ ଆଉ ବିଶାଖା।

ସୌରଭ/ବିଶାଖା: ନମସ୍କାର ସାର୍।

ଶରିଫ: ସାବାସ ପିଲାମାନେ। ଆଉ କେମିତି ଚାଲିଛି। ବୁଲାବୁଲି ଠିକରେ ହେଲା?

ସୌରଭ/ବିଶାଖା: ହଁ ସାର୍। ବହୁତ ଭଲ ହେଲା।

ଶରିଫ: ବସନ୍ତୁ ଆପଣମାନେ ବସନ୍ତୁ। ମୁଁ ବି ବାହାରକୁ ଯାଇଥିଲି। କାଲି ସନ୍ଧ୍ୟାରେ ହିଁ ଫେରିଛି। ଦିଲ୍ଲୀରେ ଡିଆରଡିଓର ଗୋଟିଏ କର୍ମଶାଳା ଥିଲା।

ଅଶୋକ: ଭଲହେଲା ଆପଣ କାଲି ଆସିଲେ। ପିଲାମାନେ ଆପଣ ଙ୍କୁ ଭେଟିବାକୁ ବହୁତ ଚାହୁଁଥିଲେ।

ବିଶାଖା: ସାର୍, ସୌରଭ ତ ଆପଣଙ୍କ ପାଇଁ କେତେ ପ୍ରଶ୍ନ ରଖିଛି।

ସୌରଭ: (ହସି ହସି) ସାର୍, ପ୍ରଶ୍ନ ତ ଅଛି, କିନ୍ତୁ ଅପା ପଚାରିବା ପାଇଁ ସୁଯୋଗ ଦେଲେ ସିନା। (ସମସ୍ତେ ହସୁଛନ୍ତି)

ଶରିଫ: ତମମାନଙ୍କୁ ଗଙ୍ଗୋତ୍ରୀ ହିମପ୍ରବାହ କେମିତି ଲାଗିଲା? ସୌରଭ, ତମେ ହାଲିଆ ହୋଇଯାଇ ନ ତ!!

ସୌରଭ: ନାଇ ସାର୍, ଏବେ ତ ସବୁ ଥକ୍କା ଦୂର ହୋଇଗଲାଣି। ଏମିତି ବି ଏତେ ସୁନ୍ଦର ହିମପ୍ରବାହ ଦେଖିବା ପାଇଁ ଟିକିଏ ଥକ୍କା ଲାଗିଲେ ବି କିଛି ଚିନ୍ତା ନାହିଁ।

ଶରିଫ: ତମେମାନେ ବହୁତ ଭଲ କଲ ପିଲାମାନେ। ଜାଣିଛ, ଏ ହିମପ୍ରବାହ ତ ଧୀରେ ଧୀରେ ସରି ଯାଉଛି।

ସୌରଭ: ହଁ ବାପା କହୁଥିଲେ ଆପଣ ଲାଦାଖ ଆଉ ହିମାଚଳର ଅନେକ ହିମପ୍ରବାହ ଉପରେ ଗବେଷଣା କରିଛନ୍ତି। ଏବେ ତ ସେଠିକାର ପରିସ୍ଥିତି ବି ଅନେକ ବଦଳି ଯାଇଥିବ?

ଶରିଫ: ଦେଖ ସୌରଭ। କେବଳ ହିମାଳୟର ନୁହେଁ, ଦୁନିଆ ସାରା ହିମପ୍ରବାହ ଦ୍ରୁତ ଗତିରେ ତରଳୁଛି। ଆଉ ଏହାର ଏକମାତ୍ର କାରଣ ହେଉଛି ଜଳବାୟୁ ପରିବର୍ତ୍ତନ ଏବଂ ଉତ୍ତପ୍ତ ହେଉଥିବା ପୃଥିବୀ।

ସୌରଭ:ଆମେ ଯେଉଁ ହିମପ୍ରବାହ ଦେଖିଲୁ ସେଇଟା ତ ବହୁତ ବଡ଼ ଥିଲା। ଦୁନିଆରେ ତ ଏହାଠାରୁ ବି ବଡ଼ ବଡ଼ ହିମପ୍ରବାହ ଥିବ?

ଶରିଫ: (ଧୀରେ ହସି) ହଁ ହଁ ନିଶ୍ଚୟ। କିନ୍ତୁ କଥା ବଡ଼ ବା ଛୋଟ ହିମପ୍ରବାହର ନୁହେଁ। ଗୁରୁତ୍ୱପୂର୍ଣ୍ଣ ହେଉଛି ସେଗୁଡ଼ିକ କେଉଁ ଗତିରେ ତରଳୁଛି ବା ନଷ୍ଟ ହେଉଛି। ମେରୁ ଅଞ୍ଚଳ ବାହାରେ ଫେଶ୍ଚେଙ୍କୋ ହିମପ୍ରବାହ ସବୁଠାରୁ ବଡ଼ ହିମପ୍ରବାହ ବୋଲି ଧରାଯାଏ। ଏହା ୭୭ କିଲୋମିଟର ଲମ୍ବା। ଏହା ପରେ ଦ୍ୱିତୀୟରେ ଆସିବ ଆମ ହିମାଳୟର ସିଆଚିନ୍ ହିମପ୍ରବାହ।

ସୌରଭ: ହଁ ସିଆଚିନ ହିମପ୍ରବାହ କଥା ତ ଅନେକ ଥର କୁହାଯାଏ।

ଅଶୋକ: ଏସବୁ ହିମପ୍ରବାହ ଉପରେ ବୈଜ୍ଞାନିକଙ୍କ ନଜର ସବୁବେଳେ ରହିଥାଏ। ସେଗୁଡ଼ିକର ତରଳିବାର ଗତିକୁ ବୈଜ୍ଞାନିକମାନେ ଅତି

ଧ୍ୟାନର ସହିତ ଲକ୍ଷ୍ୟ କରୁଛନ୍ତି। ଏମିତି ତ ଆମ ହିମାଳୟ ଅଞ୍ଚଳରେ ପ୍ରାୟ ଦଶ ହଜାର ହିମପ୍ରବାହ ରହିଛି ଆଉ ଏସବୁ ହିମାଳୟ ନଦୀର ସ୍ରୋତ।

ସୌରଭ: ଏତେ ହିମପ୍ରବାହ ଉପରେ ଲକ୍ଷ୍ୟ କରିବା କାମ ତ ବହୁତ କଷ୍ଟକର ହୋଇଥିବ।

ଶରିଫ: ଠିକ କହିଛ ତମେ। କିନ୍ତୁ ଏହା ତ ଜରୁରୀ ବି। କିଛି ହିମପ୍ରବାହକୁ ନିରନ୍ତର ଲକ୍ଷ୍ୟ କରାଯାଉଛି। ଆମ ଦେଶରେ ଭୂବିଜ୍ଞାନ ମନ୍ତ୍ରାଳୟ ତରଫରୁ ହିମାଚଳ ପ୍ରଦେଶର ଚନ୍ଦ୍ରା ବେସିନ୍‌ରେ ଛଅ ହିମପ୍ରବାହ ଉପରେ ନିରନ୍ତର ନଜର ରଖାଯାଇଛି। ହିମପ୍ରବାହର ବସ୍ତୁତ୍ୱ ଏବଂ ସେଗୁଡ଼ିକର ହାଇଡ୍ରୋଲଜିକାଲ୍ ସନ୍ତୁଳନ ବିଷୟକ ତଥ୍ୟ ନିରନ୍ତର ଏକାଠି କରାଯାଉଛି। ତମେ ଦୁହେଁ ହିମାଂଶ ଗବେଷଣା କେନ୍ଦ୍ର ବିଷୟରେ ତ ଶୁଣିଥିବ।

ବିଶାଖା: ନାଇଁ ସାର୍, କୋଉଠି ଏ କେନ୍ଦ୍ର?

ଶରିଫ: ଦେଖ, ପରିବର୍ତ୍ତିତ ଜଳବାୟୁରେ ହିମପ୍ରବାହର ପରିବର୍ତ୍ତିତ ରୂପ ଉପରେ ଅଧ୍ୟୟନ କରିବା ପାଇଁ ହିମାଂଶ ଗବେଷଣା କେନ୍ଦ୍ର ଗଢ଼ାଯାଉଛି। ଏହି କେନ୍ଦ୍ର ହିମାଚଳ ପ୍ରଦେଶର ସ୍ପିତି ଅଞ୍ଚଳରେ ଚାରିହଜାର ମିଟରରୁ ଅଧିକ ଉଚ୍ଚତାରେ ବସାଯାଇଛି।

ଅଶୋକ: ତା ସହିତ, ବିଜ୍ଞାନ ଓ କାରିଗରୀ ମନ୍ତ୍ରାଳୟ ଜଳବାୟୁ ପରିବର୍ତ୍ତନ ଉପରେ ନ୍ୟାସନାଲ ମିଶନ୍ ଫର୍ ସସ୍‌ଷ୍ଟେନିଂ ଦି ହିମାଳୟାନ୍

ଇକୋସିଷ୍ଟମ୍ ବି ଆରମ୍ଭ କରିଛି।

ଶରିଫ: ହଁ ଏହି ରାଷ୍ଟ୍ରୀୟ ଅଭିଯାନ ମାଧ୍ୟମରେ ହିମାଳୟର ପରିବେଶର ସୁରକ୍ଷା ପାଇଁ କେତେ କାମ କରାଯାଉଛି। ସବୁଠାରୁ ଅଧିକ ଧ୍ୟାନ ଦିଆଯାଉଛି  ଯେ ସ୍ଥାନୀୟ ଲୋକଙ୍କ ସହାୟତାରେ ଏପରି ପରିଚାଳନା ବ୍ୟବସ୍ଥା ହେବ ଯାହାକି ପରିବେଶ ସୁରକ୍ଷା ଦିଗରେ ସହାୟକ ହେବ। ପାଣି ଆଉ ଜଙ୍ଗଲର ସଂରକ୍ଷଣ ପାଇଁ ପ୍ରଶିକ୍ଷଣ ଏବଂ ସଚେତନତା କାର୍ଯ୍ୟକ୍ରମ ବି କରାଯାଉଛି।

ଅଶୋକ: ଠିକ କହିଛନ୍ତି ସାର୍। ଲୋକମାନେ ସକ୍ରୀୟ ଭାବରେ ଯୋଡ଼ିହେଲେ ହିଁ ଏସବୁ ଯୋଜନାର ଫଳାଫଳ ଜଣାପଡ଼ିବ। ଜନତାଙ୍କ ସହଯୋଗ ତ ନିଶ୍ଚୟ ଦରକାର।

ଶରିଫ: ହିମପ୍ରବାହ ବିଷୟରେ ତଥ୍ୟ ଏକାଠି କରିବାରେ ହିମାଂଶ ଗବେଷଣା କେନ୍ଦ୍ରର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ଗ୍ରହଣ କରାଯୋ। ଏହି କେନ୍ଦ୍ରକୁ ରାଷ୍ଟ୍ରୀୟ ଆଣ୍ଟର୍କଟିକା ଏବଂ ସାମୁଦ୍ରିକ ଗବେଷଣା କେନ୍ଦ୍ର ସୃଷ୍ଟି କରିଛି। ଅନ୍ୟ ଦିଗରେ ଅନେକ ସରକାରୀ ସଂସ୍ଥା ବି ହିମପ୍ରବାହ ଅଧ୍ୟୟନରେ ଲାଗିଛନ୍ତି। ଏଥିରେ ଜିଓଲଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ, ସ୍ନୋ ଆଣ୍ଡ ଆଭଲାଞ୍ଚ୍ ଷ୍ଟଡି ଏଷ୍ଟାବ୍ଲିଶମେଣ୍ଟ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହାଇଡ୍ରୋଲଜି ଏବଂ ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର ଭଳି ସଂସ୍ଥା ବି ସାମିଲ ଅଛି।

ସୌରଭ: କିନ୍ତୁ ହିମପ୍ରବାହ ଉପରେ ତଥ୍ୟ ଏକାଠି କରିବା କିଛି ସହଜ ତ ନୁହେଁ?

ଶରିଫ: ହଁ ଏଥିପାଇଁ ଅନେକ ସଂସ୍ଥାକୁ ଏକାଠି ମିଳିମିଶି କାମ କରିବାକୁ ପଡ଼େ ଏବଂ କେତେ ପ୍ରକାରର କାରିଗରୀ କୌଶଳ ବ୍ୟବହାର ହୁଏ।

ବିଶାଖା: କେଉଁ ପ୍ରକାରର କାରିଗରୀ କୌଶଳ ସାର୍?

ଶରିଫ: ଉପଗ୍ରହ ଚିତ୍ର ମାଧ୍ୟମରେ ହିମପ୍ରବାହ ତରଳିବା ଉପରେ ତଥ୍ୟ ଏକାଠି କରାଯାଏ। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏସବୁ ଚିତ୍ରରୁ ମିଳିଥିବା ତଥ୍ୟର ସତ୍ୟାସତ୍ୟ ପ୍ରମାଣ କରିବା। ଏଥିପାଇଁ ସେ ଜାଗାରେ ଗବେଷଣା କରିବା ଜରୁରୀ।

ସୌରଭ: ହିମପ୍ରବାହ ସହ ଯୋଡ଼ା କ୍ଷେତ୍ର ଗବେଷଣାରେ କି ପ୍ରକାର କାମ ହୁଏ?

ଶରିଫ: ହିମପ୍ରବାହର ମୋଟେଇ ମପାଯାଏ। ମୋଟେଇ ମାପିବା ପାଁ ଷ୍ଟେକ୍ ବ୍ୟବହାର କରାଯାଏ।

ସୌରଭ: ଷ୍ଟେକ୍?

ଶରିଫ: ଷ୍ଟେକ୍ ମାନେ ଗୋଟିଏ ନହନହକା ବାଡ଼ି ଭଳି ଯନ୍ତ୍ର, ଏହାକୁ ହିମପ୍ରବାହର ଭିତରେ ଭର୍ତ୍ତି କରାଯାଏ। ଯେ କୌଣସି ହିମପ୍ରବାହର ମୋଟେଇ ମାପିବା ପାଇଁ ଏହା ସଠିକ ଉପାୟ। ଏହା ସହିତ ହିମପ୍ରବାହର ଭିତର ତାପମାତ୍ରା ଉପରେ ମଧ୍ୟ ନଜର ରଖାଯାଏ।

ସୌରଭ: (ଚମକି ପଡ଼ି) କ'ଣ ହିମପ୍ରବାହର ଭିତର ଗରମ ହୋଇଥାଏ??

ବିଶାଖା: (ଧୀରେ ହସି) ନା ସୌରଭ। ତା ମାନେ ହେଉଛି ସେସବୁର ତାପମାତ୍ରା କେତେ ମାନେ କେତେ ଥଣ୍ଡା। ଠିକ କହିଲି ନା ସାର୍?

ଶରିଫ: ପୂରାପୂରି ଠିକ। ଏଥିପାଇଁ ହିମପ୍ରବାହ ଭିତରେ ଥର୍ମିଷ୍ଟର୍ସ୍ ଭର୍ତ୍ତି କରାଯାଏ। ହିମପ୍ରବାହରେ କଣା କରି ଥର୍ମିଷ୍ଟର୍ସ୍ ଲଗାଯାଏ। ଏହିଭଳି କୌଣସି ହିମପ୍ରବାହର ତାପମାତ୍ରାକୁ ଟିପି ରଖାଯାଏ। ଏହି ତଥ୍ୟରୁ ହିମପ୍ରବାହର ତରଳିବାର ଗତି, ଏହାର ଘୁଞ୍ଚିଯାଉଥିବାର ଗତି ଏବଂ ଆକାର ବିଷୟରେ ନିଷ୍କର୍ଷ ପ୍ରସ୍ତୁତ କରାଯାଏ।

ସୌରଭ: ଆରେ! ମୁଁ ଯେମିତି ଭାବିଥିଲି ଏ ତ ତାଠାରୁ ଆହୁରି ମୁସ୍କିଲ କାମ। ମୁଁ ଭାବିଥିଲି କେବଳ ଉପଗ୍ରହ ଚିତ୍ରରୁ ସବୁ କିଛି ମିଳୁଥିବ।

ଅଶୋକ: ହିମପ୍ରବାହ ଯେତେ ଗୁରୁତ୍ୱପୂର୍ଣ୍ଣ ତା ଉପରେ ନଜର ସେତେ ଅଧିକ। ଏମିତି ବି ହିମପ୍ରବାହ ତ କୌଣସି ସାଧାରଣ ବରଫ ଖଣ୍ଡ ନୁହେଁ।

ଶରିଫ: ପିଲାମାନେ, ଏ ହିମପ୍ରବାହ ତ ଆମ ପୃଥିବୀର ଗୋଟିଏ ଅଜୁବା ପ୍ରୟୋଗଶାଳା ଭଳି। ଗୋଟିଏ ପ୍ରାକୃତିକ ଗବେଷଣାଗାର ଯେଉଁଠୁ କେତେ ପ୍ରକାରର ତଥ୍ୟ ମିଳିଥାଏ।

ସୌରଭ: (ଚମକିପଡ଼ି) ପ୍ରାକୃତିକ ଗବେଷଣାଗାର?

ଶରିଫ: ହଁ ପ୍ରାକୃତିକ ଗବେଷଣାଗାର। ବାସ୍ତବରେ ଏହି ହିମପ୍ରବାହ ଆମକୁ ପୃଥିବୀର ତାପମାତ୍ରା ବଢ଼ିବା ଅର୍ଥାତ ବିଶ୍ୱ ଉଷ୍ମାୟନର ବାସ୍ତବତା ବିଷୟରେ ଜଣାଏ। ଗରମ ବଢ଼ିବ ତ ହିମପ୍ରବାହ ସଙ୍କୁଚିତ ହୋଇ ଚାଲିବ। ଆମେ ଏସବୁ ହିମପ୍ରବାହକୁ କେବଳ ସୁନ୍ଦର ଦୃଶ୍ୟ ଭାବରେ ତ ଦେଖିପାରିବା ନାହିଁ, ଏହାର ପ୍ରଭାବ ତ ସାରା ଦୁନିଆ ଉପରେ ପଡୁଛି।

ସେ ମଣିଷ ହେଉ କି ଆଉ କେଉଁ ଜୀବ!

ସୌରଭ: (ଡରିଯାଇ) ଅପା, ମତେ ତ ଭୟ ଲାଗୁଛି, ସେ ବୀଜାଣୁ ଆକ୍ରମଣ କଥା ଯଦି ସତ ହୋଇଯିବ?

ବିଶାଖା: ସୌରଭ, କାହାଣୀ  କଥା ଛାଡ଼, ଏବେ ଚିନ୍ତା କର ଯେ ଯଦି ହିମପ୍ରବାହ ତରଳିବାର ଏହି ଗତିକୁ ଅଟକା ନ ଯାଏ, ତାହେଲେ ଆମେ ବହୁତ ସୁନ୍ଦର ସମୁଦ୍ର କୂଳିଆ ଉପକୂଳ ଅଞ୍ଚଳକୁ ହରେଇବା। ସେ ମୁମ୍ବାଇ ହେଉ, କି ଚେନ୍ନାଇ ହେଉ କିମ୍ବା ପୁରୀ କୋଣାର୍କ।

ଶରିଫ: ଠିକ କହିଛ ବିଶାଖା। ଯଦି ଆମେ ଆମର ଜୀବନଶୈଳୀରେ ପରିବର୍ତ୍ତନ ନ ଆଣିବା  ତାହେଲେ ହିମପ୍ରବାହକୁ ପୂରାପୂରି ତରଳିଯିବା କେହି ଅଟକାଇ ପାରିବେନାହିଁ। ସେତେବେଳେ ଏଇ ହିମାଳୟ ନଈ ରହିବନାହିଁ କି ଏହାର କୂଳରେ ରହୁଥିବା ଜୀବନ।

ସୌରଭ: (ଗମ୍ଭୀର ହୋଇ) ବାପା, ମୁଁ ଏବେ ମୋ କୋଠରୀରେ ଅଲଗା ଏସି ଲଗାଇବା ପାଇଁ ଜିଦି କରିବିନାହିଁ।

ବିଶାଖା: (ଥଟ୍ଟା କରି) ଭଲ ହେଲା। କିଛି ତ ତୋ ମୁଣ୍ଡରେ ପଶିଲା। (ସମସ୍ତେ ହସୁଛନ୍ତି)